# ଶ୍ରାମ୍ବୁଲି-ଡିମ୍ବୁଲି: କନ୍ଧ ଉତ୍ପତ୍ତି ଓ ସଂସ୍କୃତିର ମୁକସାକ୍ଷୀ

**ସନ୍ତୋଷ କହଁର**

ଗବେଷକ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**E-Mail:** kanharrichi1999@gmail.com

**Reviewed by:** ଡ. କଳ୍ପତରୁ ନାୟକ

| **Submission Date:** | **Publication Date:** |
|---|---|
| 21-05-2025 | 14-07-2025 |

**Article No:** BB-I-III-2025-05

**ସଂକ୍ଷିପ୍ତସାର :**

କନ୍ଧମାଳ ଜିଲ୍ଲାର 'ଶ୍ରାମ୍ବୁଲି-ଡିମ୍ବୁଲି' ପାହାଡ କନ୍ଧ ଜନଜାତିର ଏନ୍ତୁଡିଶାଳ। ଏହା ସାଂପ୍ରତିକ କନ୍ଧସଂସ୍କୃତି ଓ ପରମ୍ପରାର ମହାନ କିମ୍ବଦନ୍ତୀ; ଯାହା ମେରିଆ ପ୍ରଥା, ପ୍ରକୃତି ଉପାସନା, କନ୍ଧ ଜନ୍ମ ରହସ୍ୟ ତଥା ବିହନ ଭାଗବଣ୍ଟନର ମୂଳବିନ୍ଦୁ। ଉପସ୍ଥାପିତ ପ୍ରବନ୍ଧରେ ଜନଶ୍ରୁତିକୁ ଆଧାର କରି ଏହି ଜନଜାତିର ଉତ୍ପତ୍ତି ଏବଂ ସଂସ୍କୃତିକୁ ମୂଲ୍ୟାୟନ କରାଯାଇଛି। ଐତିହ୍ୟ ମଣ୍ଡିତ ଶ୍ରାମ୍ବୁଲି-ଡିମ୍ବୁଲି ପାହାଡ ବା କନ୍ଧିସ୍ଥାନ କନ୍ଧ ସଭ୍ୟତାର ଆଦ୍ୟ ଝଙ୍କାର ତଥା ଜୀବନବେଦ ବୋଲି ପରିଶେଷରେ ପ୍ରମାଣିତ ହୋଇଛି। ଏହା ସହିତ ଭୌଗୋଳିକ ମାନଚିତ୍ରରେ ଏହି ସଭ୍ୟତାର ସୀମା ନିର୍ଦ୍ଧାରଣ କରିବାର ପ୍ରୟାସ ମଧ୍ୟ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :** କନ୍ଧ, ଆଦିବାସୀ, ଶ୍ରାମ୍ବୁଲି-ଡିମ୍ବୁଲି, ସ'ରୁ ପେନୁ, ସଂସ୍କୃତି, ବୁରାପେନୁ, ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତି, ମେରିଆ, କୁଏଞ୍ଜୁ, କୁଇ ଭାଷା, ଧରଣୀ ପେନୁ, ଆଦିମ ଜନଜାତି, ସ୍ତୁପାଙ୍ଗାଡ଼ା, କନ୍ଧମାଳ, ଡୋଡାସ'ରୁ।

ଇତିହାସ ପୃଷ୍ଠଭୂମିର ଶିଆଳି ଲଟା ବଣ ଭିତରେ ଲଟେଇ ଲଟେଇ ଜୀବନ ସହିତ ନିଜ ଅତୀତ ତଥା ଅସ୍ତିତ୍ୱକୁ ବାନ୍ଧିରଖିଥିବା କନ୍ଧ ଜାତି ଆଜି ମଧ୍ୟ ତା'ର ସଂସ୍କୃତିର ମହନୀୟତାର ସ୍ୱାଦ, ସମଗ୍ର ବିଶ୍ୱକୁ ପତ୍ରେ ପତ୍ରେ ବାଣ୍ଟିବାରେ ଲାଗିଛି। ନିର୍ଜନ କାନ୍ତାର ଗିରିକନ୍ଦର ଗିରିଗୁହା ପାହାଡ଼ ସନ୍ଧିରେ ତଥାପି ମାନ୍ତ୍ରିକ ଧ୍ୱନିର ଅଭିବ୍ୟକ୍ତି ସହିତ ଡୁଙ୍ଗ୍ ଡାଙ୍ଗ୍ ବାଦ୍ୟର ତାଳେତାଳେ ମେଳି ବାନ୍ଧିଥିବା ନୃତ୍ୟରତା ପାଦର ରୁଣୁଝୁଣୁ ଶବ୍ଦର ସ୍ୱର, ମହୁଲି ନିଶାରେ ଅନାଦି କାଳରୁ ମୁଖର। ତାହା କେହି କେବେ ଲିପିବଦ୍ଧ କରିବାର ସାହସ ମଧ୍ୟ କରିନାହିଁ। କନ୍ଧ ସର୍ବଦା ବର୍ତ୍ତମାନରେ ବଞ୍ଚେ। ଅତୀତକୁ ସେ କେବେ ଆଖି ଉଠାଇ ଦେଖେ ନାହିଁ, କି ଭବିଷ୍ୟତ ପାଇଁ ଚିନ୍ତା କରିବାକୁ ସମୟ ଅଣ୍ଟେନାହିଁ। ବୁରାପେନୁଙ୍କ (ସୃଷ୍ଟିକର୍ତ୍ତା) ଆଶୀର୍ବାଦକୁ ପୁଞ୍ଜି କରି କର୍ମମୟ ଜୀବନର ବ୍ୟସ୍ତବହୁଳ ଜୀବନରୁ କ୍ଷଣିକ ମୁକ୍ତି ହିଁ ତା'ର ଚରମ ପରିତୃପ୍ତି ବା ଆନନ୍ଦ। ଯାହାକୁ ପାଥେୟ କରି ଜନ୍ମ ନେଇଛି ବିରାଟ ଏକ ସଂସ୍କୃତି। ମଣିଷର ଜୀବନ ଜିଁବାର କଳା ହିଁ ତା'ର ସଂସ୍କୃତି। ଯାହା ତାକୁ ଅନ୍ୟଠାରୁ କରିଛି ଅନନ୍ୟ ଓ ସ୍ୱତନ୍ତ୍ର। ଏହା ପୂର୍ବପୁରୁଷଙ୍କ ଆଶୀର୍ବାଦ ଫଳ। ତେଣୁ ତ ଔପନ୍ୟାସିକ ଗୋପୀନାଥ ମହାନ୍ତି 'ଅମୃତର ସନ୍ତାନ' ଉପନ୍ୟାସର ଶେଷ ଭାଗରେ ଯଥାର୍ଥ ଭାବରେ ମୂଲ୍ୟାୟନ କରିଯାଇଛନ୍ତି, - "ଜୀବନରେ ସୁଆଦ ଅଛି, ମରଣ ନାହିଁ, ଦୁଃଖ ନାହିଁ"। ଇତିହାସ ଯେତେବେଳେ ନୀରବିଯାଏ ଗୋଟିଏ କାନରୁ ଆଉ ଏକ କାନକୁ ଅଲିଖିତ ଇତିହାସ କିମ୍ବଦନ୍ତୀ ରୂପରେ ଘୁରିବୁଲୁଥାଏ ଅଦୃଶ୍ୟ ଶକ୍ତି ପରି। ପୁନଶ୍ଚ ତାହା ମଧ୍ୟ ପ୍ରତିଫଳିତ ହୋଇଥାଏ ଆମ ସଂସ୍କୃତିର ପ୍ରେକ୍ଷାପଟରେ। ଏପରି ଏକ କିମ୍ବଦନ୍ତୀମୂଳକ ପ୍ରତିଫଳନ ଅଧୁନା କନ୍ଧ ସଂସ୍କୃତି ଓ ଜୀବନଶୈଳୀରେ ପରିଦୃଶ୍ୟମାନ ହୁଏ। ସେମାନେ ପ୍ରକୃତି ପ୍ରିୟ, ପ୍ରକୃତି ପୂଜକ; ଯାହା ପିଢି ପରେ ପିଢି କେଉଁ କାଳରୁ ଚାଲିଆସିଛି। ଯାହାର ଅନ୍ତରାଳରେ ଲୁକାୟିତ ହୋଇ ରହିଛି ବିରାଟ ଅଲିଖିତ ଇତିହାସ। ଯାହା ପ୍ରତିଫଳନ ଘଟିଛି କନ୍ଧ ଆଦିବାସୀଙ୍କ ସଂସ୍କୃତି, ପ୍ରଥା, ପରମ୍ପରା, ଜୀବନଶୈଳୀ, ଆଚାରବିଚାର ତଥା ଖାଦ୍ୟପେୟରେ। 'ଦାର୍ନି ଲାକା', 'ସରୁ ଲାକା', 'କେଡୁ ଲାକା', 'ବୁରାପେନୁ ଲାକା', 'ଇର୍ପିକେଡୁ ଲାକା', 'କୁଟିଙ୍ଗ୍ ଲାକା', 'କେତା ଲାକା', 'ଗଟା ଲାକା', 'ଗହେଲ ଲାକା', 'ପୁଞ୍ଜୁ ଲାକା', 'ବା'ଆକ ଲାକା',

'ପିଦେରାଙ୍ଗା ଲାକା', 'ତସ୍ବାଅଡା ଲାକା' ଓ 'ରୁଗ ମେଡି' ଇତ୍ୟାଦି ପୂଜା, ପାର୍ବଣ, ଯାନୀଯାତ୍ରା, ମେଳା ଓ ମହୋତ୍ସବ ଏହାର କେବଳ ଉଦାହରଣ ମାତ୍ର। ତେଣୁ ଏହି କନ୍ଧସଂସ୍କୃତିର ଐତିହ୍ୟ ତଥା ପରମ୍ପରାର ମୂକସାକ୍ଷୀ ଭାବରେ 'ଶ୍ରାମୁଲି-ଡିମ୍ବୁଲି' ପର୍ବତଦେବତା ବା ସରୁପେନୁ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ଦାଦିବୁଢା' ପରି ଅନନ୍ତ କାଳରୁ କନ୍ଧମାନଙ୍କ ମଙ୍ଗଳ କାମନା ପୂର୍ଣ୍ଣକରିବାର ପ୍ରତିଶୃତିଟିଏ ପରି ନିଶ୍ଚଳ ଭାବରେ ଦଣ୍ଡାୟମାନ। ଯାହା କନ୍ଧ ସାଭ୍ୟତାର ଉତ୍ପତ୍ତି ଓ ସଂସ୍କୃତିର ଏକ ମହାନ କିମ୍ବଦନ୍ତୀ। ଏହି କିମ୍ବଦନ୍ତୀରେ ଆଦି କାଳରୁ ଗୁନ୍ଥି ହୋଇରହିଛି କନ୍ଧ ଜନ୍ମ ପ୍ରସଙ୍ଗ ଓ ସୃଷ୍ଟି ରହସ୍ୟ ତଥା ବିହନ ଭାଗ ବଣ୍ଟନର ଜନଶ୍ରୁତି ।

ଜନଶ୍ରୁତି କହେ ଯେ, ସୃଷ୍ଟି ଆରମ୍ଭରୁ ତିନି ଭାଗ ଜଳ ମଧ୍ୟରେ ଯେଉଁ ଏକ ଭାଗ ସ୍ଥଳ ବା ଜମି ରହିଥିଲା ତାହାର ସବୁ ସ୍ଥାନରେ ମାଟି ଟାଣ ନହୋଇ ଟଳମଳ ଅବସ୍ଥାରେ ଥିଲା। ସ୍ଥାନେ ସ୍ଥାନେ ମାଟି ଈଷତ ଟାଣ ହୋଇଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ମାଟି ନରମ ଥିବାରୁ ଗୋଡ ଦବିଯାଉଥିଲା। ଲୋକେ ସୀମିତ ସ୍ଥାନରେ ବସବାସ କରୁଥିଲେ। ଫଳତଃ ତାହା ଉପଯୁକ୍ତ ଚାଷ ଉପଯୋଗୀ ହୋଇପାରିନଥିଲା। ଗବେଷକ ମଧୁସୂଦନ ମହାପାତ୍ରଙ୍କ ମତରେ - "ଆଦିମାତାଙ୍କର ଅଲାଙ୍ଗ କୁଆଁରା, ଦେଶାଙ୍ଗ୍ କୁଆଁରା, ଦିନାଙ୍ଗ୍ କୁଆଁରା, ପାଟାଙ୍ଗ୍ କୁଆଁରା, ଡୁପାଙ୍ଗ୍ କୁଆଁରା, ଜୁଡ଼ାଙ୍ଗ୍ କୁଆଁରା ଇତ୍ୟାଦି ସତାଇଶ ଜଣ ପୁତ୍ର ଥିଲେ। ମାଟିକୁ ଟାଣ ଓ ଚାଷୋପଯୋଗୀ କରିବା ପାଇଁ ସେମାନେ କରିଥିବା ସବୁ ପୂଜା ଉଦ୍ୟମ ବିଫଳ ହେଲା। ଦିନେ ଆଦିମାତାଙ୍କର ଗୋଡ଼ ଗୋଟିଏ ନରମ ସ୍ଥାନରେ ଗଳିପଡିଲା। ଗୋଡ଼ରେ କ୍ଷତ ହୋଇ ରକ୍ତ ଝରିଲା ଓ ରକ୍ତ ଯେଉଁଠି ପଡ଼ିଲା ସେହି ସ୍ଥାନ କ୍ରମଶଃ ଟାଣ ହୋଇଯିବା ଆଦିମାତା ଲକ୍ଷ୍ୟ କଲେ। ସେ ନିଜ ପୁଅମାନଙ୍କୁ ଡାକି କହିଲେ, ଏ ମାଟି ମଣିଷ ରକ୍ତ ଚାହୁଁଛି। ମୋର ତ ବୟସ ହେଲାଣି। ମତେ ତୁମ୍ଭେ ଖମ୍ବରେ ବାନ୍ଧି ବଳି ଦିଅ ଓ ମୋର ରକ୍ତ ଚାରିଆଡେ ସିଞ୍ଚିଦିଅ। ଫଳରେ ଏ ମାଟି ଟାଣ ହେବ ଓ ତୁମ୍ଭେମାନେ ରାଜ୍ୟ ବିସ୍ତାର କରିପାରିବ। ପୁଅମାନେ ମା'ଙ୍କ କଥାରେ ରାଜି ନହେବାରୁ ଆଦିମାତା ବହୁତ ବୁଝାଇଲେ ଓ ଶେଷରେ ତାଙ୍କୁ ବଳି ଦେବାକୁ ବାଧ୍ୟ କଲେ। ପୁଅମାନେ ମା'ଙ୍କ କଥାକୁ ଭାଙ୍ଗି ନପାରି ତାଙ୍କୁ ବଳି ଦେଲେ। ତାଙ୍କ ରକ୍ତ ଚାରିଆଡେ ସିଞ୍ଚି ଦେବାରୁ ମାଟି ଟାଣ ହେଲା ଓ ଏହା ଜୀବନୋପଯୋଗୀ ହୋଇପାରିଲା।" [୨]

ପୁଣି ଆଉ ଏକ ଜନଶ୍ରୁତି କହେ, ସୃଷ୍ଟି ଆରମ୍ଭରୁ ମାଟି କଅଁଳିଆ ବା ଟାଣ ନଥିବା ସମୟରେ ଏକ କନ୍ଧ ବୃଦ୍ଧାମାତାର ଷୋଳଜଣ ପୁଅ ଥିଲେ। ବୃଦ୍ଧାମାତାଙ୍କ ନାମ ଥିଲା କାମାରୀ ସୀତାରୀ ଓ ଷୋଳ ପୁଅ ହେଲେ ନାଙ୍ଗେଲା, ଜୁଏଲା, ଅଲାଙ୍ଗକୁଆରା, ପାଟାଙ୍ଗକୁଆରା, ଦିନାକୁଆରା, ଦେଶାକୁଆର, ନଳବଂଶ, ଗଙ୍ଗବଂଶ, ଜାଲିକର୍ଣ୍ଣା, ଡୁଢାଡୁପା, ମେକଡ଼ା, ଗଦଡ଼ା, ଜିଓଡ଼ା, ଜାଟି, ନାସ୍କା ଓ ବେଣ୍ଡ୍ରା। ଏକଦା ବୃଦ୍ଧାମାତା ନିଜର ପେଣ୍ଡାରେ ହୋଇଥିବା ଘାଆ ଛିଣ୍ଡାଇ ଦେବାରୁ ସେଥିରୁ ରକ୍ତ ବାହାରି ନିର୍ଦ୍ଦିଷ୍ଟ ଭୂମିର ଉପରିଭାଗରେ ପଡ଼ି ନିର୍ଦ୍ଦିଷ୍ଟ ଅଞ୍ଚଳ କଠିନ ହେବାକୁ ଲାଗିଲା। ଫଳତଃ ପୁତ୍ରଙ୍କ ମଙ୍ଗଳ ପାଇଁ ମାତା ଆତ୍ମବଳି ଦେବାପାଇଁ ପୁତ୍ରଙ୍କୁ ବାଧ୍ୟ କଲେ। ଯାହାର ପରିଣାମ ସ୍ୱରୂପ ପରବର୍ତ୍ତୀ ସମୟରେ ବଳିଭୋଗରେ ଧରଣୀ ପେନୁ ଶାନ୍ତ ହେବାରୁ ଭୂମି ଟାଣ ତଥା ଉର୍ବର ହେବାକୁ ଲାଗିଲା। ଏହିପରି ଅନେକ କିମ୍ବଦନ୍ତୀମୂଳକ କାହାଣୀ କନ୍ଧ ସମାଜରେ ଜନଶ୍ରୁତି ହୋଇରହିଛି। ସମସ୍ତ ଲୋକକାହାଣୀରେ ସୃଷ୍ଟି ଇତିହାସ ପ୍ରସଙ୍ଗ, କନ୍ଧ ଜନ୍ମ ରହସ୍ୟ, ବିହନ ବଣ୍ଟନର ତୀର୍ଥକ୍ଷେତ୍ର ଓ ମେରିଆ ପୂଜାର ଅତୀତ ଆଦିର ଭାବସାର ଏକତ୍ର ନିହିତ ବା ବିଦ୍ୟମାନ। ଯଥା –

- ସୃଷ୍ଟିର ପ୍ରାରମ୍ଭିକ ଅଧ୍ୟାୟରେ ପୃଥିବୀପୃଷ୍ଠ ଅସ୍ଥିର, ନରମ, ଅନୁର୍ବର ତଥା ଉପରି ଭାଗ ଈଷତ କଠିନ ଅବସ୍ଥାରେ ଥିଲା।
- ଶରୀରରୁ ରକ୍ତ କ୍ଷରଣ ହେବା ତଥା ବଳିଭୋଗ ହିଁ ଭୂମି ପ୍ରକୃତିସ୍ଥ ହେବାର ମୂଳ ନିଦାନ।
- ମାଟି ମାଆ ଉଦ୍ଦେଶ୍ୟରେ ଭବିଷ୍ୟତପାଇଁ ଆତ୍ମବଳିଦାନର ଚିତ୍ର।
- କୁଟି ବା ଗାତ ଭିତରୁ କନ୍ଧଙ୍କ ଜନ୍ମରହସ୍ୟ ପ୍ରସଙ୍ଗ।
- ଶ୍ରାମୁଲି ଡିମ୍ବୁଲି କନ୍ଧ ଆଦିବାସୀଙ୍କ ଜନ୍ମସ୍ଥାନ ବା କନ୍ଧିସ୍ଥାନ ।
- ବାର ଭାଇଙ୍କ ମଧ୍ୟରେ ବିହନ ଭାଗବଣ୍ଟାର କଥା।
- ସ୍ରାମୁ ପଥରରୁ 'ଶ୍ରାମୁଲି' ଏବଂ ଡିମ୍ବକା(ବାଉଁଶରେ ନିର୍ମିତ ଧାନ ସାଇତିବା ଜାଗା)ରୁ 'ଡିମ୍ବୁଲି' ଶବ୍ଦର ଜନ୍ମ।

ପୁନଶ୍ଚ ଏହି ସମସ୍ତ ଜନଶ୍ରୁତି ମଧ୍ୟରୁ କୁଇସଂସ୍କୃତି ଗବେଷକ ମଙ୍ଗରାଜ ପ୍ରଧାନଙ୍କ ତଥ୍ୟରେ ଉପରୋକ୍ତ ସମସ୍ତ ଏକୀଭୂତ। ତାଙ୍କ କହିବା ଅନୁସାରେ ସଭ୍ୟତାର ଆଦ୍ୟ ଝଙ୍କାର ଶ୍ରାମୁଲି ଡିମ୍ବୁଲି ସହ ଜନଶ୍ରୁତି ସମୂହର ଅନ୍ତଃସମ୍ପର୍କ ରହିଥିବା ଅନୁମେୟ ହୁଏ। ଯେଉଁଠି ସାଞ୍ଜୁଲି ଓ ବିଞ୍ଜୁଲି ନାମରେ ଦୁଇ ଭଉଣୀଙ୍କୁ ବୁରାପେନୁ(ସୃଷ୍ଟିକର୍ତ୍ତା) ସୃଷ୍ଟି କରିଥିଲେ। ଏକଦା ସେମାନେ ପାହାଡରେ ଥିବା 'ନାଙ୍ଗାଙ୍ଗ୍ କୁସା' ଓ 'ବଡାଙ୍ଗ୍ କୁସା'(ଏକ ପ୍ରକାର ଜଙ୍ଗଲି ଶାଗ ବିଶେଷ) ତୋଳୁଥିବା ବା କାଟୁଥିବା ସମୟରେ ଉଭୟ ଦୁଇ ଭଉଣୀଙ୍କ ହାତର ଟେଣା ବାଞ୍ଜୁ(କାଣି ଆଙ୍ଗୁଠି) ଓ ସୁ'ଟା ବାଞ୍ଜୁ(ବିଶି ଆଙ୍ଗୁଠି) କଟି ରକ୍ତ ଝରି ଯାଇଥିଲା। ଫଳତଃ ରକ୍ତ ପଡିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ପରବର୍ତ୍ତୀ କାଳରେ ଟାଣ ହୋଇଥିଲା। ଅତଏବ ଏଠାରେ ଆଲୋଚିତ ସାଞ୍ଜୁଲି ବିଞ୍ଜୁଲି ଦୁଇ ଭଉଣୀକୁ ଜାକେରି(ଝାଙ୍କର), ଦେହେରି(କନ୍ଧ ପୁରୋହିତ) ତଥା ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଏହି ଶ୍ରାମୁଲି ଡିମ୍ବୁଲି ନାମର ନାମାନ୍ତର ବୋଲି ବିଚାର କରନ୍ତି। ତାହା ଏହିପରି -

"ଏହେଁ ଡ଼େ ମାହାପୁରୁ,
ଅଲାଙ୍ଗକୁଆଁରା ପାଟାଙ୍ଗକୁଆଁରା, ସିର୍ଜିମାଇ ବାଟ୍ରିମାଇ
ଶ୍ରାମୁଲି ଡିମ୍ବୁଲି, ଏତାଜାର୍ଗି ପମ୍ବାଜାର୍ଗି, ମାରପାଟା ତିଲପାଟା

ସାଞ୍ଜୁଲିନି ବିଞ୍ଜୁଲିନି ପାଦା ଆହାଃନା କାମ୍ବା କ'ରୁ କାଡିତେଞ୍ଜୁ, ରାକାଃ ସିତେଞ୍ଜୁ, ତୁ'ଗୁ ସିତେଞ୍ଜୁ

ଏମ୍ବାଡେଃ, ଦିନା ଆ'ଡେ ଦେ'ଶା ଆ'ଡେ, ମି'ଡା ଆ'ଡେ ବୋ'ଦା ଆ'ଡେ,

ବିହେନି ଆ'ଡେ କହେନି ଆ'ଡେ, ଦିନା ଦେଙ୍ଗେଦେଙ୍ଗେ ଦୁଙ୍ଗୁଦୁଙ୍ଗୁ ଇଞ୍ଜିସାରି ସାପି ଇସେ।"

ଯାହାକୁ ଅଦ୍ୟାବଧି କନ୍ଧ ପୁରୋହିତ ବା ଦେହେରି ଜାକେରିସମୂହ ନିଜ ନିଜ ଅଞ୍ଚଳରେ ଦାର୍ନିପେନୁ ଲାକା(ଧରଣୀ ଦେବତା ପୂଜା), କାମ୍ବାକ'ରୁ ଲାକା କିମ୍ବା କେ'ଡୁ ଲାକା(ମେରିଆ ପୂଜା) କରୁଥିବା ସମୟରେ ତଥା ଦେବତାଙ୍କ ଉଦ୍ଦେଶ୍ୟରେ କାଲୁ ଯିପାଇବା ସମୟରେ ବା ମଦ ଉତ୍ସର୍ଗ କରୁଥିବା ସମୟରେ ଏହି ପରି କୁଇ ଭାଷାରେ କେଲ୍ପା ବା ମନ୍ତ୍ର, ଦେବତାଙ୍କ ଅସ୍ଥାନରେ ଉଚ୍ଚାରଣ କରିଥାନ୍ତି। ଯେଉଁଠାରେ ଶ୍ରାମ୍ବୁଲି ଡିମ୍ବୁଲି ସ'ରୁ ପେନୁକୁ(ପର୍ବତ ଦେବତା) ଆବାହନ କରିବା ସହିତ ସାଁଞ୍ଜୁଲି ଓ ବିଁଞ୍ଜୁଲି ଦୁଇ ଭଉଣୀଙ୍କର ନାମ ଉଚ୍ଚାରଣ କରି ମାହାପୁରୁଙ୍କ ପାଖରେ ବଳିଭୋଗ ଉତ୍ସର୍ଗ କରିଥାନ୍ତି।

'କନ୍ଧ ଓ କନ୍ଧମାଳ' ଗ୍ରନ୍ଥରେ କୁଇସଂସ୍କୃତି ଗବେଷକ ମେଦିନୀଶ୍ୱର ମଲିକ କନ୍ଧ ଜନ୍ମ ସମ୍ପର୍କରେ ସୁନ୍ଦର ଭାବରେ ମତବ୍ୟକ୍ତ କରିଛନ୍ତି,- "ଉକ୍ତ ପର୍ବତ ଗହ୍ୱରରୁ ପ୍ରଥମ କନ୍ଧ-କନ୍ଧୁଣୀ ବାହାରି ନିକଟସ୍ଥ ଗୋଟିଏ ବୃକ୍ଷ ମୂଳେ ଆଶ୍ରୟ ନେଲେ। ବଣରୁ ଫଳ ପତ୍ର ସଂଗ୍ରହ କରି ଜୀବନଧାରଣ କଲେ। ସେମାନଙ୍କର ସନ୍ତାନସନ୍ତତିମାନେ ଶ୍ରାମ୍ବୁଲି ଡିମ୍ବୁଲିରୁ ଆସି ଘୁମୁସର ଉଦୟଗିରି ନିକଟସ୍ଥ ଡୋଡାସ'ରୁ ବା ଦେରି ସ'ରୁ ନାମକ ପର୍ବତରେ ବସବାସ କଲେ। କ୍ରମଶଃ ବଂଶବୃଦ୍ଧି ଲାଭ କଲା ଏବଂ ଅନ୍ୟତ୍ର ନୂତନ ସ୍ଥାନ ଖୋଜି ବସତି ସ୍ଥାପନ କରିବାକୁ ପଡିଲା।"[୩] ଏହି ଉକ୍ତିକୁ ମୂଲ୍ୟାୟନ କଲେ ଜଣାଯାଏ ଯେ, ଉକ୍ତ ଡଡାସ'ରୁ ପାହାଡର ଶୀର୍ଷଦେଶରେ ଅଦ୍ୟାବଧି କନ୍ଧଙ୍କ 'ବାରିଡି' ବା ଦେବସ୍ଥଳ ରହିଛି। ଏହି ପାହାଡ଼ ସନ୍ଧିରେ ଅନେକ ପରିମାଣରେ କ'ପୁ କୁସା ବା ବରଡ଼ା ଶାଗ ଗଛ ମହଜୁଦ ରହିଛି; ସମ୍ଭବତଃ ଦୁଇ ଭଉଣୀ ତୋଳିଥିବା ଶାଗ ଆର୍ଥତ ନାଙ୍ଗାଙ୍ଗ୍ କୁସା ଓ ବଡାଙ୍ଗ୍ କୁସା ବୋଲି ତାହା ବିଚାର କରାଯାଇପାରେ। ଏହି ପାହାଡ଼ ସନ୍ଧିରେ ମଧ୍ୟ ଛୋଟଛୋଟ ଗୁମ୍ଫା ଆକାରର ମଣିଷ ରହିବା ଭଳି ସ୍ଥାନମାନ ଅଛି। ଯାହା କିମ୍ବଦନ୍ତୀ ସହ ଜଡିତ ଥିବା ଶ୍ରାମ୍ବୁଲି ଡିମ୍ବୁଲି ପାହାଡ଼ର ଐତିହ୍ୟକୁ ଅଧିକ ପ୍ରମାଣିତ କରୁଛି।

ଏହି ତିନିଥାକିଆ ବିରାଟ ପର୍ବତ କନ୍ଧମାଳ ଜିଲ୍ଲାର ବାଲିଗୁଡା ସବ୍‌ଡିଭିଜନ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ନିକଟବର୍ତ୍ତୀ ବେଲଘର ଅଞ୍ଚଳରେ ଅବସ୍ଥିତ। ପ୍ରାକୃତିକ ବନାନୀ ଘେରା ଉକ୍ତ ପାହାଡ ପାଦଦେଶକୁ ଲାଗି ତର୍ଗାବାଲି, ଶ୍ରାମ୍ବୁଲି(ଗୁର୍ଲିମାସ୍କା), ବାଟିପଡ଼ା, ଡେଡ଼ିଙ୍ଗଘାଟି, ବଡକୁମୁଡ଼ି, ସିଁକୁଲି, ବଣିଙ୍ଗାଲୁ, କାର୍କୁଡି, ଲଙ୍କାଗଡ଼, ସିର୍କି, ବାଟାଙ୍ଗପଦର, ନାନ୍ଦାଲ, ଅଣାଞ୍ଜିରୁ ଓ ଗୁନ୍ଦାବାରୁ ଆଦି କନ୍ଧ ଗ୍ରାମଗୁଡିକ ଚତୁଃପାର୍ଶ୍ୱରେ ଅବସ୍ଥାନ କରି ସଭ୍ୟତାର ଅବସ୍ଥିତିକୁ ଦୃଢ଼ ଗୁଣିତ କରୁଛି। ଏହି ଗ୍ରାମ ସମଷ୍ଟି ଚତୁର୍ପାର୍ଶ୍ୱରେ ଥିବା ବେଲଘର, ଲଙ୍କାଗଡ଼ ତଥା ଭଣ୍ଡ୍ରେଙ୍ଗି ଆଦି ତିନୋଟି ଗ୍ରାମପଞ୍ଚାୟତ ସମୂହକୁ ସଂଯୋଗ କରୁଛି।

ଉକ୍ତ ଅଞ୍ଚଳରେ ଉଚ୍ଚତାରେ ଶ୍ରେଷ୍ଠ ବୋଲାଉଥିବା ଏହି ଡିମ୍ବୁଲି ପର୍ବତ ତା'ର କଙ୍କରିଳ ପଥର ଦେହରେ ଧରି ରଖିଛି ଅସଂଖ୍ୟ ଗୁଳ୍ମରାଜିରେ ପରିପୂର୍ଣ୍ଣ ବିସ୍ତୀର୍ଣ୍ଣ ପ୍ରକୃତି ନିର୍ମିତ୍ତ ଉଦ୍ୟାନ। ଭରି ରହିଛି ରାଶିରାଶି ବିଭିନ୍ନ ଜାତିର ବୃକ୍ଷରାଜି। ଜାତିଜାତିକା ପକ୍ଷୀଙ୍କ କାକଳି ସହିତ ବିଭିନ୍ନ ପଶୁଙ୍କ ଉପସ୍ଥିତି ଡିମ୍ବୁଲି ପାହାଡ଼କୁ ଅଧିକ ସୌନ୍ଦର୍ଯ୍ୟମୟୀ କରିଛି। ତା'ର ପାଦଦେଶକୁ ରହିଛି ଏକର ଏକର ସମତଳ ଭୂମିରେ ପରିପୂର୍ଣ୍ଣ ଶ୍ରାମ୍ବୁଲି ପାହାଡ। ଯେଉଁଠାରେ ବିଛେଇ ହୋଇପଡିଛି ଟିକିଟିକି ଅଣ୍ଡା ଆକାରର ଶ୍ରାମ୍ବୁଲି ପଥରମୁକ୍ତା। ସ୍ଥାନେସ୍ଥାନେ ତା' ଚାରି ପାଖକୁ ଘେରିରହିଛି ଶ୍ରାମ୍ବୁଲି ପଥର ସନ୍ଧିରେ ଉତ୍କୃଷ୍ଟ ଭାବେ ବଢି ପାରିନଥିବା ଛୋଟଛୋଟ ଶାଳଗଛ। ବୁକୁ ଫଟାଇ ତା' ପାଖକୁ କୁଳୁକୁଳୁ ବହିଯାଉଛି ଛୋଟବଡ ଝରଣାର ଧାରା ଏବଂ କୋଳମଣ୍ଡନ କରିଛି ସଭ୍ୟତା ଉତ୍ପତ୍ତିର ଜୀବାଶ୍ମ ତଥା ନିଦର୍ଶନ।

ଏହି ବିସ୍ତୃତ ଅଞ୍ଚଳରେ କନ୍ଧ ବା କୁଏଞ୍ଜୁ ସଭ୍ୟତାର ପ୍ରଥମ ସ୍ୱାକ୍ଷର ବାଢିଥିଲା। ନିଜକୁ 'କୁଏଞ୍ଜୁ' ଏବଂ ନିଜର ପତ୍ନୀକୁ 'କୁଆଲି' ବୋଲି ସମ୍ବୋଧନ କରିଥିଲା। 'କୁଇ' ଭାଷା ହେଉଛି ତା'ର ନିଜର ମାତୃଭାଷା। ଯାହାର ଅର୍ଥରେ ଲୁଚି ହୋଇରହିଛି ନିଜ ଅସ୍ତିତ୍ୱର ବୃହତ ପରିଭାଷା। ତାହା ଏହିପରି -

- ଏହି ଭାଷାର ଅଧିକାଂଶ ଶବ୍ଦ 'କ' ଧ୍ୱନିରୁ ଉତ୍ପନ୍ନ।
- ଅନ୍ୟ ସଂପ୍ରଦାୟ ସମ୍ମୁଖରେ ନିଜର ବଶ୍ୟତା ସ୍ୱୀକାର ନକରିବା।
- ଡଙ୍ଗର କୋଳରେ ଜୀବନ ଯାପନ କରନ୍ତି।
- ଯେକୌଣସି ପ୍ରସଙ୍ଗରେ ମନା କରିବା ବା ନାହିଁ କରିବା ଜିଭ ଅଗରେ ଥାଏ।
- ନିଜକୁ ଅନ୍ୟଠାରୁ ଉପରେ ବା ଶ୍ରେଷ୍ଠ ବୋଲି ଦାବି କରନ୍ତି।
- କୁଇ ଲକୁ ବା କୁଏଞ୍ଜୁ ବୋଲି ନିଜକୁ ଅନ୍ୟ ଆଗରେ ପରିଚିତ କରିଥାନ୍ତି।

ଏହି 'କୁଇ' ଶବ୍ଦର ଆକ୍ଷରିକ ଅର୍ଥକୁ ବିଶ୍ଳେଷଣ କରି ଅର୍ଥ ନିରୂପଣ କରିବାକୁ ଗଲେ ଉଚ୍ଚାରଣ ଭିତ୍ତିରେ ଭିନ୍ନ ଭିନ୍ନ ବହୁ ଅର୍ଥ ଆକଳନ କରିହୁଏ। ଯାହାକି ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୋଇଛି। ସର୍ବଦା ବଣ ଜଙ୍ଗଲର କୋଳରେ ଜୀବନ ଅତିବାହିତ କରି ଆସୁଥିବା ଜାତି ହେଉଛି କନ୍ଧ ଜନଜାତି। ଏହି କନ୍ଧ ଜନଜାତି ମୁଖ୍ୟତଃ ୩ ଭାଗରେ ବିଭକ୍ତ। ଯାହା 'ଡଙ୍ଗରିଆ କନ୍ଧ' (ସର୍ବଦା ପାହାଡିଆ ଅଞ୍ଚଳରେ ଦୃଶ୍ୟମାନ ହୁଅନ୍ତି), 'କୁଟିଆ କନ୍ଧ'(କୁଟି ବା

ପାହାଡର ସନ୍ଧି ବା ଗାତ ମଧ୍ୟରୁ ଜନ୍ମିତ) ଓ 'ଦେଶିଆ କନ୍ଧ'। ଯେଉଁମାନଙ୍କର ନାମକରଣ ମଧ୍ୟ ପାହାଡର ଶୀର୍ଷଦେଶରୁ ଆରମ୍ଭ କରି ପାଦଦେଶ ମଧ୍ୟରୁ ହିଁ ସୂଚିତ ହେଉଛି। ତେଣୁ ଜଳ, ଜମି ଓ ଜଙ୍ଗଲ ଆଧାରରେ ଏହି ବିରାଟ ସଭ୍ୟତାକୁ ଖୋଜିବାକୁ ଗଲେ ମୋଟେ ନିରାଶ ହେବାକୁ ପଡିବ ନାହିଁ। ଏହି ଶ୍ରାମୁଲି ଓ ଡିମୁଲି ପାହାଡ ହେଉଛି ଏହି ଗୋଷ୍ଠୀତ୍ରୟର କନ୍ଧିସ୍ଥାନ ବା ଏନ୍ତୁଡିଶାଳ। ଯାହାର କୋଳରେ ବିକ୍ଷିପ୍ତ ହୋଇ ପଡିଛି କନ୍ଧ ସଭ୍ୟତାର ଜୀବାଶ୍ମ ଏବଂ ଏହିଠାରୁ ହିଁ ପ୍ରତିଷ୍ଠା ଲାଭ କରିଛି ବିଶାଳ ସଭ୍ୟତାର ମହାନ ସାଂସ୍କୃତିକ ଭିତ୍ତିଭୂମିର ପ୍ରକୃଷ୍ଟ ତଥା ଜୀବନ୍ତ ଉଦାହରଣ। ଯାହା ନିମ୍ନରେ ମୂଲ୍ୟାୟନ କରାଯାଇଛି।

**୧. ସଭ୍ୟତାର ସନ୍ଧିସ୍ଥଳ**

ସାଧାରଣତଃ ଜଳ, ଜମି ଓ ଜଙ୍ଗଲକୁ ଆଧାର କରି ଆଦିବାସୀ ସଭ୍ୟତା ଗଢିଉଠିଛି। ଏହାକୁ ନେଇ ବିଚାର କଲେ ଶ୍ରାମୁଲି ଡିମୁଲି ସ'ରୁ ବା ପର୍ବତ କନ୍ଧ ଜନଜାତିର ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ଆକଳନ କଲେ ଏହା କନ୍ଧମାଳ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଯାହାକୁ ଲାଗି ପୋଡଶୀ ଜିଲ୍ଲା ଭାବେ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲା ରହିଛି। ଯେଉଁଠାରେ ଅଦ୍ୟାବଧି କୁଟିଆ କନ୍ଧ ଏବଂ ଡଙ୍ଗରିଆ କନ୍ଧଙ୍କ ସ୍ଥାୟୀ ବସତିର ପୂର୍ଣ୍ଣ ସ୍ୱାକ୍ଷର ବିଦ୍ୟମାନ। ଉକ୍ତ ତ୍ରିକୋଣୀୟ କ୍ଷେତ୍ର ବିଶିଷ୍ଟ ଜିଲ୍ଲା ସମଷ୍ଟିର କେନ୍ଦ୍ରବିନ୍ଦୁ ହେଉଛି ଶ୍ରାମୁଲି ଡିମୁଲି ପାହାଡ। ଯେଉଁଠାରୁ କନ୍ଧ ଜନଜାତି ଉତ୍ପତ୍ତି ହୋଇ ନାନା କାରଣରୁ ଏହି ସମସ୍ତ ନିକଟବର୍ତ୍ତୀ ପାର୍ବତ୍ୟାଞ୍ଚଳକୁ ଦିନେ ସ୍ଥାନାନ୍ତରିତ ହୋଇଥିଲେ। କଳାହାଣ୍ଡି ସମେତ କନ୍ଧମାଳ ଜିଲ୍ଲାର ବେଲଘର ଓ କୋଟଗଡ ଅଞ୍ଚଳରେ କୁଟିଆ କନ୍ଧ ଦୃଷ୍ଟିଗୋଚର ହେବା ସହିତ କୋଟଗଡ ପରେପରେ ରାୟଗଡା ଜିଲାର ନିୟମଗିରି ତଥା ନିକଟବର୍ତ୍ତୀ ଅଞ୍ଚଳରେ ଡଙ୍ଗର ସନ୍ଧିରେ ଡଙ୍ଗରିଆ କନ୍ଧମାନଙ୍କ ସ୍ଥାୟୀ ବସତି ରହିଛି। ଏହା ସହିତ ନିକଟବର୍ତ୍ତୀ ଜିଲ୍ଲାମାନଙ୍କରେ ଦେଶିଆ କନ୍ଧଙ୍କ ବସସ୍ଥାନ। ଏ ସମସ୍ତ ଦୃଷ୍ଟିରେ ବିଚାର କଲେ ତିନି ଗୋଷ୍ଠୀରେ ବା ଭାଗରେ ବିଭାଜିତ ହୋଇଥିବା କନ୍ଧ ସଭ୍ୟତାର ଏହା ପ୍ରକୃତ ଜନ୍ମସ୍ଥାନ ବା କନ୍ଧିସ୍ଥାନ।

**୨. ବିହନ ବଣ୍ଟନର ତୀର୍ଥକ୍ଷେତ୍ର**

ଏହି ତୀର୍ଥକ୍ଷେତ୍ରର ଅନ୍ୟ ଏକ ମହାନ ତଥା ପ୍ରଧାନ ବିଶେଷତ୍ୱ ହେଉଛି 'ବାର ବିହନ' ବଣ୍ଟନ। କନ୍ଧ ସଭ୍ୟତା ତଥା ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ବିଭାଜନ ହେବା ପୂର୍ବରୁ ଏହି ସ୍ଥାନରେ ହିଁ ପ୍ରଥମ କରି 'ବାର ବିହନ' ବଣ୍ଟନ କରିଥିବାର ଜନଶ୍ରୁତି ରହିଛି। ତାହା ବାର ପ୍ରକାର ବିହନର ସମାହାର କି ବାର ଭାଇଙ୍କ ମଧ୍ୟରେ ବିହନ ବଣ୍ଟନ କରାଯାଇଛି ତାହାର କୌଣସି ପ୍ରମାଣ ନାହିଁ। କା'ଙ୍ଗା(କାନ୍ଦୁଲ), କୁଏରି, ଡେଁଡ଼ି (ମାଣ୍ଡିଆ), ଆ'ର୍କା, ସ୍ଲି'ଙ୍ଗେରୀ, ମା'ର, ଜଏଲି(ମକା), ଜନ୍ଦଲା, ସିଂଗା (ହଳଦୀ), ସପ୍ପା(ସାରୁ), ଗାଣ୍ଡିକୁନା, ମାସାଙ୍ଗା, କାଉଲ୍ଲା, କାଡକାଙ୍ଗା, ପୁଡ୍ରା(କଖାରୁ), ସାଇଙ୍ଗା(ଶିମ୍ବ), ବାଇସାଇଙ୍ଗା, ଡଡଲ୍ଲା, ସିସେଲ୍ଲା(ଜହ୍ନି), କାକାଟ୍ରେମାଙ୍ଗ(କାଙ୍କଡ), ଗାବା(ଜଡ଼ା), ଡୁହୁଟୁକୁନାଙ୍ଗ ଓ କୁଡିଙ୍ଗ(ଧାନ) ଆଦି ବିହନ ପାହାଡର ଢାଲୁ ଅଞ୍ଚଳ ଏବଂ ସମତଳ ବିଲମାଳ ସ୍ଥାନରେ ଚାଷ କରାଯାଏ। ଉପରୋକ୍ତ ସମସ୍ତ ବିହନ ଗଣନା କରିବସିଲେ ବାର ବିହନ ଅପେକ୍ଷା ବାର ଭାଇଙ୍କ ମଧ୍ୟରେ ଭାଗ ବଣ୍ଟା ହୋଇଥାଇପାରେ ବୋଲି ଅଧିକ ଯୁକ୍ତିସଙ୍ଗତ ମାନେ ହୁଏ। ମାଟୁବର ଲାକା(ବିହନବୁଣା ପୂଜା) କରିବା ସମୟରେ ଏହାକୁ ନେଇ ଦେହେରି ବା କନ୍ଧ ପୁରୋହିତ କେଲପା ବା କୁଇ ମନ୍ତ୍ର ଉଚ୍ଚାରଣ କରି ମାଟି ମା'ଙ୍କ ଉଦ୍ଦେଶ୍ୟରେ ବିହନ ଅର୍ପଣ କରିଥାନ୍ତି। ପରବର୍ତ୍ତୀ ଅମଳ ସମୟରେ ପ୍ରଥମେ ମାଟି ମା'ଙ୍କ ପାଖରେ ଅର୍ପଣ କରିବା ପରେ ହିଁ ଭକ୍ଷଣ କରିଥାନ୍ତି।

**୩. ବିଶ୍ୱାସର ପ୍ରତୀକ**

'ବିଶ୍ୱାସ ହିଁ ଭଗବାନ'; ଏହି ଉକ୍ତିକୁ ବିଚାର କଲେ କନ୍ଧ ସମାଜରେ ଶ୍ରାମୁଲି ଡିମୁଲି ସର୍ବାଗ୍ରେ ସ୍ମରଣକୁ ଆସେ। ଏହା 'ସ'ରୁ ପେନୁ' ବା ପର୍ବତ ଦେବତା ନାମରେ ଖ୍ୟାତ। କନ୍ଧ ଏହି ସ୍ଥାନରୁ ହିଁ ସଭ୍ୟତାର ପ୍ରଥମ ସ୍ୱାକ୍ଷର ବାଢିଥିଲା। ଯାହାର ଜୀବନ୍ତ ଉଦାହରଣ 'ସ୍ଗପାଙ୍ଗାଡ଼ା' ବା 'ଆନ୍ଧାରଦେଶା' ନାମକ କୁଟି ବା ଗାତ। ଏହାରି ଭିତରୁ କନ୍ଧ ଧରାପୃଷ୍ଠକୁ ଅବତରଣ କରିଥିଲା ବୋଲି ବିଶ୍ୱାସ କରାଯାଏ। ଏଣୁ ଏହି ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ହୋଇଥିବା କନ୍ଧମାନଙ୍କୁ 'କୁଟିଆ କନ୍ଧ' ବୋଲି କୁହାଯାଏ। ଧରଣୀ, ପାହାଡ଼ ଓ ପର୍ବତ ଏହି ମହାନ ସଭ୍ୟତାର ପ୍ରଧାନ ଦେବତା। ଫଳତଃ କନ୍ଧ ନିଜର ପାରମ୍ପରିକ ରୀତିରେ ନିଜ ନିଜର ଗ୍ରାମର ଧରଣୀପେନୁ ଓ ସ'ରୁ ପେନୁକୁ ନୈବେଦ୍ୟର ଅର୍ଘ୍ୟ ବାଢିଥାଏ। ନୈବେଦ୍ୟର ପ୍ରଥମ ଅର୍ଘ୍ୟ ସର୍ବାଗ୍ରେ ଶ୍ରାମୁଲି ଡିମୁଲି ସ'ରୁ ପେନୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ।

**୪. କନ୍ଧ ସଭ୍ୟତାର ନିଦର୍ଶନ**

ସାଂପ୍ରତିକ ସମୟ ଖଣ୍ଡରେ ଏହି ବିରାଟ ପର୍ବତ କନ୍ଧ ଜନଜାତିର ତୀର୍ଥକ୍ଷେତ୍ର। ପାହାଡ଼ ଗର୍ଭରେ ଅଜିମଧ୍ୟ ସଭ୍ୟତାର ନିଦର୍ଶନ ବା ଜୀବାଶ୍ମ ଜଡ଼ ରୂପରେ ବିକ୍ଷିପ୍ତ ହୋଇ ପଡିଥିବାର ସନ୍ଧାନ ମିଳେ। ପାହାଡର ଶୀର୍ଷଦେଶରୁ ପାଦଦେଶ ପର୍ଯ୍ୟନ୍ତ ଭରିରହିଛି ଅନେକ ଛୋଟବଡ ପାହାଡ଼, ଝରଣା ଓ ନଦୀର ଉତ୍ପତ୍ତି ସ୍ଥଳ, ପ୍ରାକୃତିକ ଜଳପ୍ରପାତ ଓ ବନ୍ଧ, ଚାଷ ଉପଯୋଗୀ ସ୍ଥାନ, ପ୍ରକୃତି ନିର୍ମିତ ଗୁମ୍ଫା, ଅଣଓସାରିଆ ପାଦଚଲା ରାସ୍ତା, ବୃହତ ପଥର କାନ୍ଥ। ପର୍ବତ ଢାଲୁ ଅଞ୍ଚଳର ଶାଳ ଗଛ ଛାଇ ତଳେ ସ'ରୁ କାଙ୍ଗା(ବଣ କାନ୍ଦୁଲ), ବଣ ପିଆଜ, ଡିମୁଲ୍ କନ୍ଦା, ଚେରମୂଳିକା ଓ କିଛି ବେଣା ପତ୍ର ଆଦି ଦେଖିବାକୁ ମିଳେ। ଯାହା କନ୍ଧ ଜନଜାତିର ପାରମ୍ପରିକ ଖାଦ୍ୟ, ଔଷଧ ଓ ଲୋକବିଶ୍ୱାସର ଏକ ଅଂଶ ବା ବିବିଧ ସାମଗ୍ରୀ। ପର୍ବତ ପାଦଦେଶରେ ଘେରିରହିଛି ଛୋଟ ଛୋଟ କନ୍ଧ ଗାଁ। ଏହି ସମସ୍ତ ଗାଁର ଲୋକେ ସରୁପେନୁ ବା ପର୍ବତ ଦେବତା ଭାବରେ ଶ୍ରାମୁଲି ଡିମୁଲି ପର୍ବତକୁ କେଉଁ ଅନାଦି କାଳରୁ ପାରମ୍ପରିକ ରୀତିରେ ବଳିଭୋଗ

ଦେଇ ପୂଜା କରିଆସୁଛନ୍ତି।

**୫. ମେରିଆ ପ୍ରଥାର ଉତ୍ପତ୍ତି**

ମେରିଆ ପ୍ରଥା ତଥା ପରମ୍ପରା କନ୍ଧ ସଂସ୍କୃତିର ଅନ୍ୟତମ ଆକର୍ଷଣ। ଏହା 'ମ୍ରିବି' ବା 'ମ୍ରିମି' ଶବ୍ଦରୁ ମେରିଆ ହୋଇଥିବା ଜଣାଯାଏ। ପୁନଶ୍ଚ ଖୁଣ୍ଟରେ ବାନ୍ଧି ବଳି ଦେଉଥିବା ସ୍ତ୍ରୀକୁ 'ଟକି' ଏବଂ ପୁରୁଷକୁ 'ମେରି' ବା 'ମ୍ରିମି' ବୋଲି କୁହାଯାଏ। ସେହି ଖୁଣ୍ଟକୁ 'ମେରି ଖୁଣ୍ଟ' ବୋଲାଯାଏ। ଜନଶ୍ରୁତି କହେ, ସୃଷ୍ଟି ଆରମ୍ଭରେ ପ୍ରଥମ କରି ସାଁଞ୍ଜୁଲି ବିଁଞ୍ଜୁଲି ଦୁଇ ଭଉଣୀ ନିଜର ଆଙ୍ଗୁଠି ଉତ୍ସର୍ଗ କରି ଧରାପୃଷ୍ଠକୁ ଶୁଷ୍କ ତଥା କଠିନ କରାଇପାରିଥିଲେ। ସୁତରାଂ ମଣିଷକୁ ନେଇ ପୂଜା ଦେବା ପ୍ରଥା ପ୍ରଥମ କରି ମହାଶିଙ୍ଗ ନିକଟବର୍ତ୍ତୀ ଏକ ପାହାଡରେ ପାରମ୍ପରିକ ରୀତିରେ ସମାପନ ହୋଇଥିଲା। ଏଣୁ ଏହି ପର୍ବତର ନାମ 'ମେରିସରୁ'। ଇଂରେଜମାନଙ୍କ ଆଗମନ ପରେ ଏହି ପ୍ରଥା ୧୮୬୫ ମସିହାରେ କପ୍ତାନ ମାକଫରସନଙ୍କ ଦମନ କ୍ରମେ ତାହା ମଣିଷ ବଦଳରେ ମଇଷି ଏବଂ ଘୁଷୁରିକୁ ଗ୍ରହଣ କରଯାଇଥିଲା। ପରବର୍ତ୍ତୀ ସମୟରେ ତାହାକୁ ମେରିଆ ପୂଜା ନକହି 'କେଡୁ ପୂଜା', 'ଝାଗିଡ଼ି' ଏବଂ 'ବାରବା ପୂଜା' ବୋଲି ପରିଚିତ ହେଲା। ଅତଃ ଅଧୁନା ପ୍ରଚଳିତ ପ୍ରଥା ପରମ୍ପରା ସୃଷ୍ଟି ଇତିହାସର କିମ୍ବଦନ୍ତୀ ବା ଜନଶ୍ରୁତିର ପୁନଃ ରୂପାୟନ।

**୬. ପ୍ରକୃତି ପୂଜକ**

ପ୍ରକୃତି ହିଁ ସଂସ୍କୃତି। ବୁରାପେନୁ(ସୂର୍ଯ୍ୟଦେବତା), ଟାଣା ପେନୁ(ଧରଣୀ ଦେବତା), ସ'ରୁପେନୁ(ପର୍ବତଦେବତା) ବାରିଡି ପେନୁ ଆଦି ବହୁ ଦେବତା କନ୍ଧ ସଂସ୍କୃତିରେ ପ୍ରକୃତିକୁ ହିଁ ଗ୍ରହଣ କରାଯାଏ ଏବଂ ଦେବତାଙ୍କ ଆସ୍ଥାନ ଭାବରେ ପ୍ରକୃତିକୁ ହିଁ ବିଶ୍ୱାସ କରାଯାଏ। କାଠ କିମ୍ବା ପଥରକୁ ଦେବତାର ରୂପଦେଇ ପୂଜା ସାମଗ୍ରୀ ଭାବରେ ଶିଆଳିପତ୍ର, ଅରୁଆ ଚାଉଳ, ହଳଦୀ ଗୁଣ୍ଡ, କାଞ୍ଜିଆ ବାଟାଙ୍ଗ(ଖରାପ ଅଣ୍ଡା), ଝୁଣା, ମହୁଲି ମଦ, ଗଞ୍ଜା କୁକୁଡ଼ା, ବୋଦା ଛେଳି ଓ ଘୁଷୁରୀ ଆଦି ବଳିଭୋଗ ଉତ୍ସର୍ଗ କରିବା ପରେ କନ୍ଧ ପୁରୋହିତ ପାରମ୍ପରିକ ରୀତିରେ ବାଦ୍ୟର ତାଳେତାଳେ ପୂଜା କାର୍ଯ୍ୟ ସମାପନ କରିଥାନ୍ତି। ଅତଏବ କନ୍ଧ ଆଦିବାସୀ ପ୍ରକୃତି ପୂଜକ; ଜଳ, ଜମି ଜଙ୍ଗଲ ତା' ଜୀବନ ଜୀବିକାର ମେରୁଦଣ୍ଡ। ଏଣୁ ଏହି ମହାନ ସଂସ୍କୃତି ଓ ପ୍ରକୃତି କନ୍ଧ ଜୀବନ ଜୀବିକାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ।

'ଆଦିବାସୀ' ଶବ୍ଦର ଅର୍ଥ ହିଁ କନ୍ଧ ସଭ୍ୟତା ସମ୍ପର୍କରେ ମୂଲ୍ୟାୟନ ଜନିତ ସଂଶୟର ମୂଳ ନିଦାନ। ଏହା ଉପାଧି ସୂତ୍ରରେ ଆର୍ଯ୍ୟ ତଥା ଅନ୍ୟ ଜାତି ଦ୍ୱାରା ପ୍ରଦତ୍ତ ପ୍ରକୃତ ପ୍ରମାଣ ପତ୍ର। ନୃତାତ୍ତ୍ୱିକ ପରମ୍ପରା ବିଚାରରେ ସମଗ୍ର ଓଡିଶା ଭୂଖଣ୍ଡରେ ପ୍ରାୟ ୧୩ଟି ଆଦିମ ଜନଜାତି ବା primitive Tribe ଦୃଷ୍ଟିଗୋଚର ହୁଅନ୍ତି। ସେଥିମଧ୍ୟରୁ ଓଡିଶାର ଦକ୍ଷିଣ ଭାଗର ପୂର୍ବଘାଟ ପର୍ବତମାଳା ଅଞ୍ଚଳରେ ବସବାସ କରିଆସୁଥିବା କନ୍ଧ ବା କୁଇ ଜନଜାତି ସ୍ୱତନ୍ତ୍ର ଓ ଅନନ୍ୟ। ଓଡିଶାରେ ଜନସଂଖ୍ୟା ଦୃଷ୍ଟିରୁ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଜାତି। ୨୦୧୧ ଜନଗଣନା ଅନୁସାରେ ମୋଟ ୧୬,୨୭,୪୮୬ ଲୋକ ଓଡିଶା ଭୂଖଣ୍ଡରେ ବସବାସ କରନ୍ତି।[୪] ସୁତରାଂ ନିର୍ଦ୍ଦିଷ୍ଟ ପାହାଡ଼ ସନ୍ଧିରୁ ବୀଜ ରୂପରେ ଜନ୍ମ ନେଇଥିବା ବୃହତ ସଭ୍ୟତା ଆଧୁନା ବିଶାଳ ମହାଦ୍ରୁମ ସଦୃଶ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ନୟାଗଡ, ଗଞ୍ଜାମ, ରାୟଗଡ଼ା, କୋରାପୁଟ ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାସମୂହର ଡଙ୍ଗର କୋଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ତଥା ବିସ୍ତାରଲାଭ କରିପାରିଛି।

ସମୟର ଧାରା ପରିବର୍ତ୍ତନଶୀଳ। ଯେଉଁଠାରେ ଦିନେ ବିରାଟ ସଭ୍ୟତାର କୋଳାହଳ; ଆଜି ତାହା ଜନମରୁଭୂମିରେ ପରିପୂର୍ଣ୍ଣ। ସାଂପ୍ରତିକ କନ୍ଧ ଜନଜାତିର ଅବକ୍ଷୟମାଣ ସଂସ୍କୃତି, ପ୍ରଥା, ପରମ୍ପରା ତଥା ଜୀବନଶୈଳୀର ପ୍ରଦର୍ଶନ ଓ ପୁନର୍ମୂଲ୍ୟାୟନ, ପ୍ରାଚୀନ ଐତିହ୍ୟଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କହିଲେ ଅତ୍ୟୁକ୍ତି ହେବନାହିଁ। ସୁତରାଂ ଶୂନ୍ୟ ପଡିଥିବା ମାଟି ମା'ର କୋଳ ଭାବି ସନ୍ତାନମାନଙ୍କ ପାଦର ସ୍ପର୍ଶରେ ପୂର୍ଣ୍ଣ ହେବା ସହ ଜନଶୂନ୍ୟ ବନଭୂଇଁ ମୁଖରିତ ହୋଇଛି। ଅତୀତର ଏନ୍ଥୁଡିଶାଳ ଭବିଷ୍ୟତର ତୀର୍ଥକ୍ଷେତ୍ରରେ ରୂପାନ୍ତରିତ ହୋଇଛି। ପରୋକ୍ଷରେ କହି ବସିଲେ, ଏହି ଜାତିର ମହାନ ଅତୀତ ପାଲଟିଯାଇଛି ଇତିହାସ ରୂପରେ ସୁନ୍ଦର ଏକ କିମ୍ବଦନ୍ତୀ। ଏହି ସମସ୍ତ ଦୃଷ୍ଟିରୁ ଶ୍ରାମୁଲି-ଡିମୁଲି ପର୍ବତ କେବଳ ପ୍ରାକୃତିକ ବନାନୀ ଘେରା ପ୍ରକୃତି ନିର୍ମିତ ଉପବନ ନୁହେଁ, କନ୍ଧ ସଭ୍ୟତାର ବିଶ୍ୱାସର ପ୍ରତୀକ।

**ସଙ୍କେତ ସୂଚୀ:**


୧. ମହାନ୍ତି, ଗୋପୀନାଥ, ଅମୃତର ସନ୍ତାନ, ବିଦ୍ୟାପୁରୀ, ବାଲୁବଜାର କଟକ, ୨୦୦୮, ପୃ-୪୬୮

୨. ମହାପାତ୍ର, ମଧୁସୂଦନ, ଓଡିଶାର ଆଦିମ ଅଧିବାସୀ: କନ୍ଧ, ଶୌର୍ଯ୍ୟ ପ୍ରକାଶନ, ୨୦୦୬, ପୃ- ୨୧

୩. ମଲ୍ଲିକ, ମେଦିନୀଶ୍ୱର, କନ୍ଧ ଓ କନ୍ଧମାଳ, ସରସ୍ୱତୀ ପ୍ରିଣ୍ଟର୍ସ, ଫୁଲବାଣୀ, ୧୯୮୧, ପୃ- ୫

୪. ପାତ୍ର, ଦେବାଶିଷ, ଓଡିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ, ଓଡିଆ ଭାଷା ପ୍ରତିଷ୍ଠାନ,ଭୁବନେଶ୍ୱର, ୨୦୨୦, ପୃ-୯୫



**CC BY-NC 4.0**

ଶ୍ରାମୁଲି-ଡିମୁଲି: କନ୍ଧ ଉତ୍ପତ୍ତି ଓ ସଂସ୍କୃତିର ମୂକସାକ୍ଷୀ © 2025 by ସନ୍ତୋଷ କହଁର is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/